ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୧ ମେ' ୨୦୨୫ । ଗୁରୁବାର

ଦିବ୍ୟାଙ୍ଗ ପ୍ରମାଣ ପତ୍ର ଥାଇ ମଧ୍ୟ ମିଳୁନି ଭତ୍ତା

୩୦।୪ : ଏକ୍ସପ୍ରେସ୍ ନ୍ୟୁଜ୍

ଦିବ୍ୟାଙ୍ଗ ପ୍ରମାଣ ପତ୍ର ଥାଇ ବି ସନ୍ତୋଷଙ୍କୁ ମିଳୁନି ଭିନ୍ନକ୍ଷମ ଭତ୍ତା । କଳାହାଣ୍ଡି ଜିଲ୍ଲା ଜୟପାଟଣା ପଞ୍ଚାୟତ ୯ ନମ୍ବର ୱାର୍ଡ ବାସିନ୍ଦା ସନ୍ତୋଷ ଦାନି(୫୧) । ବାପା ମା'ଙ୍କ ମୃତ୍ୟୁ ପରେ ମାଟି ଘରଟିଏ ଥିଲା । ସେଠାରେ ରହୁଥିଲେ ଅବିବାହିତ ସନ୍ତୋଷ । ହେଲେ ଗତ ବର୍ଷ ସମ୍ପୂର୍ଣ୍ଣ ଭାଙ୍ଗି ଯିବା ପରେ ନିଜ କାକା ପୁଅ ଭାଇ ଶରତ ଦାନି ଘରେ ରହୁଛନ୍ତି । ରାସନ କାର୍ଡ ଏବଂ ଦିବ୍ୟାଙ୍ଗ ପ୍ରମାଣ ପତ୍ର ଅଛି । ହେଲେ ନା ଅଛି ରହିବାକୁ ଘର ନା ମିଳିଛି ଭତ୍ତା । ଭତ୍ତା ପାଇଁ ଆବେଦନ କରିଥିବା କହିଛନ୍ତି ସନ୍ତୋଷ ହେଲେ

ମଞ୍ଜୁର ହୋଇନାହିଁ । ଭଲ ଭାବରେ ଶୁଣି ପାରୁ ନଥିଲେ ହେଁ ଏକ ସାଇକେଲ ମେକାନିକ ପାଖରେ କାମ କରି ଯାହା କିଛି ମିଳୁ ଥିଲା କଷ୍ଟେ ମଷ୍ଟେ ଚଳୁ ଥିଲେ ଏବେ ଟିକେ ଦୃଷ୍ଟି ଶକ୍ତି କମି ଯିବା ପରେ ଆଉ କିଛିକାମ କରୁନାହାନ୍ତି । ସମ୍ପୂର୍ଣ୍ଣ ଭାଇଙ୍କ ଭରଷାରେ ରହୁଛନ୍ତି ତାଙ୍କୁ ମଧ୍ୟ ଏହି ମହଙ୍ଗା ଜମାନାରେ ଚଳିବା କଷ୍ଟକର ହୋଇ ପଡୁଥିବାବେଳେ ସରକାରଙ୍କ ତରଫରୁ ଭତ୍ତା ମିଳିଲେ ଦୈନିକ ଆବଶ୍ୟକତା ପୂରଣ ହୋଇ ପାରନ୍ତା ବୋଲି କହିଛନ୍ତି ସନ୍ତୋଷ । ଆବାସ ଯୋଜନାରେ ଘର ପାଇଁ ସରପଞ୍ଚ ଠାରୁ ବିଡ଼ିଓଙ୍କୁ ଜଣାଇଥିଲେ ହେଁ ଏପର୍ଯ୍ୟନ୍ତ ମିଳିନାହିଁ । ଜିଲ୍ଲା ପ୍ରଶାସନ ତରଫରୁ ସନ୍ତୋଷଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି ।

ଆଜିର ରାଶିଫଳ

ତାରିଖ ୧.୫.୨୦୨୫	ଗୁରୁବାର– ଚତୁର୍ଥୀ ନକ୍ଷତ୍ର– ମୃଗଶିରା, ମିଥୁନଚନ୍ଦ୍ର

ମେଷ	:	ବକେୟା ପଡ଼ିଥିବା ଅର୍ଥ ମିଳିବ ।
ବୃଷ	:	କାର୍ଯ୍ୟରେ ଅସ୍ଥିରତା ଦେଖାଦେବ ।
ମିଥୁନ	:	ଅପେକ୍ଷା କରିଥିବା କାମରେ ସଫଳତା ମିଳିବ ।
କର୍କଟ	:	ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ ।
ସିଂହ	:	ହସଖୁସିରେ ଦିନଟି କଟିବ ।
କନ୍ୟା	:	ଅର୍ଥଲାଭ ହେବ ।
ତୁଳା	:	ପୁତ୍ରକଷ୍ଟ ଭୋଗିବେ ।
ବିଛା	:	ଆଘାତପ୍ରାପ୍ତି ହେବେ ।
ଧନୁ	:	ସମ୍ପତ୍ତି ଖୁସି ଆଣିବ ।
ମକର	:	ସ୍ୱାସ୍ଥ୍ୟରେ ଉନ୍ନତି ହେବ ।
କୁମ୍ଭ	:	ସୁଯୋଗ ପ୍ରାପ୍ତି ହେବ ।
ମୀନ	:	କହଳ ଯୋଗ ରହିଛି ।

ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପବିତ୍ର ଅକ୍ଷୟତୃତୀୟାରେ ଅଖରେ ଲାଗିଲା ଚକ

ନୀଳଗିରି, ୩୦।୪ : ଏକ୍ସପ୍ରେସ୍ ନ୍ୟୁଜ୍

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପବିତ୍ର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ରଥ ନିର୍ମାଣ ପାଇଁ ଆଜି ପବିତ୍ର ଅକ୍ଷୟତୃତୀୟାରେ ସମସ୍ତ ପ୍ରକାର ରିତିନିତିରେ ଅନୁଯାୟୀ ଅଖରେ ଲାଗିଲା ଚକ । ସେହିପରି ବାଲେଶ୍ୱର ଜିଲ୍ଲା ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୀଳଗିରି ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ପବିତ୍ର ଅକ୍ଷୟତୃତୀୟାରେ ଅଖରେ ଲାଗିଛି ଚକ । ମନ୍ଦିର ପୂଜକ ଓ ବ୍ରାହ୍ମଣ ସେବାୟତମାନେ ମହାପ୍ରଭୁଙ୍କ ସମସ୍ତ ପ୍ରକାର ରୀତିନୀତି ଅନୁସାରେ ମହାପ୍ରଭୁ ପୂଜାର୍ଚ୍ଚନା କରିବା ପରେ ଅକ୍ଷୟ ତୃତୀୟା ନିମନ୍ତେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରିଥିଲେ ପୂଜକ, ବ୍ରାହ୍ମଣ ସେବାୟତ , ଏଥିରେ ସହଯୋଗ କରିଥିଲେ ମୁଖ୍ୟ ମହାରଣା ଓ ଅନ୍ୟ ମହାରଣା ସେବାୟତ ସହିତ ଅନ୍ୟ ସେବାୟତମାନେ । ମହାପ୍ରଭୁଙ୍କ ରୀତିନୀତି କାର୍ଯ୍ୟ ଶେଷ ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନଙ୍କୁ ସ୍ୱତନ୍ତ୍ର ବିମାନରେ ମନ୍ଦିର ସମ୍ମୁଖ ରଥଖଳା ଅଣାଯାଇ ପୂଜାର୍ଚ୍ଚନା ଓ ହୋମଯଜ୍ଞ ପୂଜକ ବ୍ରାହ୍ମଣସେବାୟତ କରିବା ପରେ ରଥନିର୍ମାଣ ପାଇଁ ଅଖ ଓ ଚକକୁ ପୂଜା ଓ ନଡିଆ ଭଙ୍ଗାଯିବା ପରେ ମୁଖ୍ୟ ମହାରଣାଙ୍କୁ ବରଣ କରିବା ପରେ ଅଖରେ ଚକ ଲଗାଇଥାନ୍ତି ମହାରଣା ସେବାୟତମାନେ । ଏଥିସହିତ ପ୍ରଭୁ ବଳରାମଙ୍କ ପ୍ରତିନିଧି ଭାବେ ପ୍ରଭୁ ରାମକୃଷ୍ଣ ସହିତ ଭୂଦେବୀ ଓ ଶ୍ରୀଦେବୀ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭର ତାଦରଖ କରିବେ । ଆଜିର ଏହି ପବିତ୍ର ଅକ୍ଷୟ ତୃତୀୟାରେ ସମସ୍ତ ରୀତିନୀତି କାର୍ଯ୍ୟରେ ନୀଳଗିରି ତହସିଲଦାର ତଥା ଠାକୁର ମାହାଲ କାର୍ଯ୍ୟନିର୍ବାହୀ ଅଧିକାରୀ ସୋନମ ଦାସଙ୍କ କରକମଳରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ନୀଳଗିରି ରାଜାଙ୍କ ଅନୁପସ୍ଥିତିରେ ରାଜପୁରୋହିତ, ବ୍ରହ୍ମା ଓ ପ୍ରହରାଜ ପ୍ରମୁଖ ଅକ୍ଷୟତୃତୀୟା କାର୍ଯ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ଉପଜିଲ୍ଲାପାଳ ତଥା ଠାକୁର ମାହଲ ସଦସ୍ୟା ଶୁଭଶ୍ରୀ ରଥ ବ୍ରାହ୍ମଣ ଓ ଅନ୍ୟ ସେବାୟତମାନଙ୍କ ସହିତ ନୀଳଗିରି ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ପରିଚାଳନା କରୁଥିବା ଠାକୁର ମାହଲ କର୍ମଚାରୀମାନେ ଉପସ୍ଥିତ ରହିବା ସହ ସହଯୋଗ କରିଥିଲେ । ଆଜିର ଏହି ପବିତ୍ର ଅକ୍ଷୟ ତୃତୀୟାକୁ ଦେଖିବା ସହିତ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶଙ୍ଖ, ହୁଳୁହୁଳି, ଘଣ୍ଟା ଓ ଜୟ ଜଗନ୍ନାଥ ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହେବା ସଙ୍ଗେସଙ୍ଗେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି ।

ମାକିଡିଆ ଠାରେ ବାଲି ଲିଜ୍‌ଧାରୀଙ୍କୁ ଗ୍ରାମବାସୀଙ୍କ ବିରୋଧ

୯ ଟ୍ରାକ୍ଟର ଓ ଜେସିବି ଅଟକ : ଘଟଣାସ୍ଥଳରେ ପୁଲିସ୍ ଓ ତହସିଲଦାର

ଜଳେଶ୍ୱର, ୩୦।୪
ଏକ୍ସପ୍ରେସ୍ ନ୍ୟୁଜ୍

ସରକାରଙ୍କ ଖଣିନୀତି ଯୋଗୁଁ ଗତ ୫ବର୍ଷ ଧରି ସୁବର୍ଣ୍ଣରେଖା ନଦିବାଲି ନିଲାମ ହୋଇପାରୁ ନଥିବା ବେଳେ ଚଳିତବର୍ଷ କେତେକ ସ୍ଥାନରେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ବାଲି ସୌରାତ ନିଲାମ୍ ହୋଇ ବାଲି ଉତ୍ତୋଳନ ଆରମ୍ଭ ହୋଇଛି ।

ସୂଚନାନୁସାରେ ମାକିଡିଆ ଗାଁଠାରେ ନଦୀ କୂଳରେ ବ୍ୟାପକ ଅତଡା ଖସିବା ଯୋଗୁଁ ପଥର ପେକିଂ ଓ ସ୍ପୋର ନିର୍ମାଣ ହୋଇଥିଲା । ଏବେ ମାକିଡିଆ (କ) ସୈରାତରେ ବାଲି ଉତ୍ତୋଳନ ଆରମ୍ଭ ହୋଇଥିବାରୁ ସୁରକ୍ଷାପାଇଁ ଗ୍ରାମବାସୀ ଘେରାଓ ଓ ଆନ୍ଦୋଳନ ଜାରି ରଖିଛନ୍ତି । ଗ୍ରାମବାସୀମାନେ ୯ଟି ଟ୍ରାକ୍ଟର ସହିତ ଗୋଟିଏ ଜେସିବି ଅଟକ ରଖିଥିବାରୁ ଆଜି ଭାରପ୍ରାପ୍ତ ତହସିଲଦାର ତଥା ବିଡିଓ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା ଜାରି ରଖିଛନ୍ତି ।

୨୦୧୮ ମସିହାରୁ ଏନିଜିଟିର ନିର୍ଦ୍ଦେଶ ଯୋଗୁଁ ସୁବର୍ଣ୍ଣରେଖାର ବିଭିନ୍ନ ସ୍ଥାନରେ ବାଲି ଉତ୍ତୋଳନ ବନ୍ଦ ରହିଛି । ଫଳରେ ବ୍ୟାପକ ଚୋରାବାଲି ଚାଲାଣ ହେଉଥିବାରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ରାଜସ୍ୱ ହାନି ଘଟୁଛି । ବାଲି ସୌରାତ ନିଲାମ ନେଇଥିବା ବ୍ୟକ୍ତି ବିଶେଷ ନ୍ୟାୟାଳୟର ଆଶ୍ରୟ ନେଇଥିବାରୁ ବାଲି ଉତ୍ତୋଳନର ଆଦେଶ ପାଇଛନ୍ତି । ଜଳେଶ୍ୱର ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ମାକିଡିଆ ଠାରେ ୫ଟି ବାଲି ସୌରାତ ରହିଥିଲା । ସେଥିରୁ ଚଳିତବର୍ଷ ମାକିଡିଆ(କ) ନିଲାମ ହୋଇଥିବାରୁ ଗତ କିଛିଦିନ ଧରି ସେଠାରୁ ବାଲି ଉତ୍ତୋଳନ ଆରମ୍ଭ ହୋଇଛି । ପ୍ରକାଶଯୋଗ୍ୟ ୧୯୮୦ମସିହାରୁ ମାକିଡିଆ ଗାଁଠାରେ ସୁବର୍ଣ୍ଣରେଖା ଅତଡାଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇ ଆସୁଛି । ବହୁ ବ୍ୟକ୍ତିଙ୍କ ଘରଦ୍ୱାର ନଦୀଗର୍ଭରେ ଲୀନ ହେବା, ଚାଷଜମି ନଦୀରେ ଧୋଇଯିବା, ୨୦୧୦ ମସିହାରେ ସେଠାରେ ପର୍ଯ୍ୟାୟକ୍ରମେ ୧୦ଟି ସ୍ପୋର ଓ ପଥର ପେଚି ନିର୍ମାଣ ହୋଇଛି । ଫଳରେ ନଦୀଟି ମାକିଡିଆ ଗାଁ ନିକଟରେ ବାଲି ଜମା ହେବାରୁ ଜଳ ସ୍ରୋତଟି ପଶ୍ଚିମବଙ୍ଗ ପଟରେ ପ୍ରବାହିତ ହେଉଛି । କିନ୍ତୁ ବର୍ଷାଦିନେ ସୁବର୍ଣ୍ଣରେଖା ନଦୀ ଜଳପୂର୍ଣ୍ଣ ହେଲେ ମାକିଡିଆ ଓ କୁଆଁରପୁର ଗାଁର ସୁରକ୍ଷା ବିପନ୍ନ ହେବାର ସମ୍ଭବନା ଥିବାରୁ ଗତ ସୋମବାର ଠାରୁ ଗ୍ରାମବାସୀମାନେ ଏକତ୍ରୀତ ହୋଇ ମେସିନ୍ ସାହାର୍ଯ୍ୟରେ ବାଲି ଉତ୍ତୋଳନକୁ ବିରୋଧ କରିଛନ୍ତି । ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାରୁ ରାଇବଣିଆ ପୁଲିସ୍ ସମାଧାନର ପ୍ରତିଶ୍ରୁତି ଦେଇ ୯ଟି ବାଲି ଟ୍ରାକ୍ଟର ଓ ଜେସିବିକୁ ଅଟକ ରଖିଛି । ଏଭଳି ଘଟଣାରେ ମାକିଡିଆ ସହିତ ନିକଟବର୍ତ୍ତୀ ଗ୍ରାମବାସୀମାନେ ବିରୋଧ ପାଇଁ ପୁଣି ବାହାରିଛନ୍ତି । ପରିସ୍ଥିତି ଜଟିଳ ହେବାରୁ ପୁଲିସ୍ ଓ ଭାରପ୍ରାପ୍ତ ତହସିଲ ଗୌରାଙ୍ଗ ଚରଣ ଘୋଷ ପହଞ୍ଚି ଆଲୋଚନ ଅବ୍ୟାହତ ରଖିଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ପୂର୍ବରୁ ତହସିଲଦାରଙ୍କୁ ଅବଗତ କରାଯାଇଥିଲା ବୋଲି ସେମାନେ କହିଛନ୍ତି । ଗାଁରେ ୧୦ହଜାର ଲୋକେ ବସବାସ କରୁଥିବାରୁ ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ବାଲି ଖନନ ନ ହେବାକୁ ଦାବି ଜଣାଇଥିଲେ । ବାଲି ଖନନ ହେଲେ ନିର୍ମାଣ ହୋଇଥିବା ସ୍ପୋର, ପଥର ପେକି ଧୋଇଯିବା ସହିତ ଗାଁ ନିଶ୍ଚିହ୍ନ ହୋଇଥିବ ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି । ଦିନକୁ ଦିନ ଗାଁର ଚାଷଜମି ନଦୀଗର୍ଭକୁ ଚାଲି ଯାଉଥିବାବେଳେ ଖରାଦିନେ ଗୋରୁ ଗାଈ ନଦିପଠାରେ ଚରିବା, ନଦୀପଠାରୁ ଜାଳେଣି ଓ ବାଲି ପଥର ସାଉଁଟିବା କାର୍ଯ୍ୟ ହୋଇପାରୁନଥିବା ଦର୍ଶାଇଛନ୍ତି । ଶେଷରେ ଜେସିବି ଦ୍ୱାରା ବାଲି ଉତ୍ତୋଳନକୁ ଘୋର ବିରୋଧ କରି ଗାଁର ନିରୋଜ କୁଇଲା, ଉତ୍କଳ ପୁଇଲା, ଝାଡେଶ୍ୱର ବର୍ଷାଳ, ସଂଜିବ କୁଇଲା, ସପନ ଭୂୟାଁ, ସୂର୍ଯ୍ୟକାନ୍ତ ସେନାପତି, ବିଶ୍ୱନାଥ ଭୂୟାଁ, ପ୍ରତାପ ବେହେରା, ମହେନ୍ଦ୍ର ଦାସ, ମାନସ ଚନ୍ଦ, ଦିଲ୍ଲିପ ଦଳପତି, ମାନସ ଚନ୍ଦ, ସିତାରାମ ପେଡିଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ସାଳଗୁଆ ନିକଟରେ ଦନ୍ତା ହାତୀର ସନ୍ଦେହଜନକ ମୃତ୍ୟୁ

ଠାକୁରମୁଣ୍ଡା, ୩୦।୪ : ଏକ୍ସପ୍ରେସ୍ ନ୍ୟୁଜ୍

କରଞ୍ଜିଆ ବନଖଣ୍ଡ ଅଧୀନ ସାତକୋଶିଆ ବନାଞ୍ଚଳର ସାଳଗୁଆ ନିକଟରେ ଆଜି ସକାଳ ସମୟରେ ଏକ ଦନ୍ତା ହାତୀର ସନ୍ଦେହଜନକ ତଥା ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଗ୍ରାମବାସୀଙ୍କ ନିକଟରୁ ବନବିଭାଗ ସୂଚନା ପାଇଥିଲା । ତେବେ ହାତୀଟିର ମୃତ୍ୟୁ ଖବର ପାଇ ସାତକୋଶିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତ, ବନପାଳ ଗିରିଜା ନନ୍ଦନ ଦଳେଇ ଘଟଣାସ୍ଥଳରେ ପହଞ୍ଚି ବନଖଣ୍ଡ ଅଧିକାରୀଙ୍କୁ ଏବାବଦକୁ ଖବର ଦେଇଥିଲେ । ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ବାରିପଦାର ବିଶେଷଜ୍ଞ ଦଳକୁ ଖବର ଦେଇଥିଲେ । ଆଜି ମଧ୍ୟାହ୍ନ ସମୟରେ ବାରିପଦାରୁ ବିଶେଷଜ୍ଞ ଦଳ ପହଞ୍ଚି ତଦନ୍ତ କରୁଥିବା ଓ ତଦନ୍ତ ପରେ ମୃତଦେହ ବ୍ୟବଚ୍ଛେଦ କରାଗଲେ ହାତୀ ମୃତ୍ୟୁର ସଠିକ୍ କାରଣ ଜଣାପଡିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଗତକାଲି ରାତି ହାତୀଟି ସୁସ୍ଥ ଥିବା ଓ ବିଚରଣ କରୁଥିବା ଗ୍ରାମବାସୀମାନେ ଦେଖିବାକୁ ପାଇଥିବାବେଳେ ଆଜି କିପରି ଅକସ୍ମାତ୍ ଦନ୍ତା ହାତୀଟିର ମୃତ୍ୟୁ ଘଟିଲା ତାହା ଏବେ ସନ୍ଦେହ ଘେରରେ ରହିଛି ।

ପଥର ମାଫିଆଙ୍କ ଘରକୁ ଦୁଇ ରାଉଣ୍ଡ ଗୁଳିମାଡ

ସୋର, ୩୦।୪ : ଏକ୍ସପ୍ରେସ୍ ନ୍ୟୁଜ୍

ସୋର ଥାନା ଅଧୀନ ବାଗୁଡ଼ି ବଜାର ସ୍ଥିତ କୁଖ୍ୟାତ ଚୋରା ପଥର ମାଫିଆ ମୁକ୍ତିକାନ୍ତ ଘଡ଼ାଇଙ୍କ ବାସ ଭବନ ତଥା ବାସଭବନକୁ ଲାଗି ଭଗବତୀ ଟ୍ରେଡ଼ର୍ସ ନାମକ ସପିଙ୍ଗ ମହଲ ଉପରକୁ ରାତି ୮. ୩୨ ମିନିଟ ସମୟରେ କିଛି ଦୁର୍ବୃତ୍ତ ଦୁଇ ରାଉଣ୍ଡ ଗୁଳି ମାଡକରି ମହଲର କାଚ ଭାଙ୍ଗି ଥିବା ମହଲର କର୍ମଚାରୀ ଏବଂ ମହଲର ମାଲିକ ଉମାକାନ୍ତ ଓ ମୁକ୍ତିକାନ୍ତ ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖଞ୍ଜାମାହଲ ପଥର ଖାଦାନ ଦୁଇ ବର୍ଷ ହେବ ସରକାରୀ ଭାବେ ବନ୍ଦ ଥିଲାବେଳେ, ଅଞ୍ଚଳର କିଛି ପଥର ମାଫିଆ ବେଆଇନ ଭାବେ ଖାଦାନରେ ବ୍ଲାଷ୍ଟିଂ କରି ସାତରୁ ଊର୍ଦ୍ଧ୍ୱ ବେଆଇନ କ୍ରସର ଚଳାଉ ଥିବା ଦେଖିବାକୁ ମିଳିଛି ଏଥିପ୍ରତି ସରକାର ଏବଂ ବିଭାଗୀୟ ଅଧିକାରୀଙ୍କ କଡ଼ା ନଜର ଥିଲାବେଳେ ମାଫିଆମାନେ ଅଧିକାରୀଙ୍କୁ ମୋଟା ଅଙ୍କର ମାସିକିଆ ବଟି ଦେଇ ମାଫିଆମାନେ କାହାରିକୁ ଖାତର ନକରି କୋଟି କୋଟି ଟଙ୍କାର ରାଜସ୍ୱ ଲୋଟୁ ଥିବା ସ୍ଥାନୀୟ ବାସିନ୍ଦା ଶହ ଶହ ଅଭିଯୋଗ କରିଛନ୍ତି । କିଛି ମାସ ପୂର୍ବେ କୁଖ୍ୟାତ ଚୁରା ପଥର ମାଫିଆ ମୁକ୍ତିକାନ୍ତ ଘଡ଼ାଇ ବେଆଇନ ବ୍ଲାଷ୍ଟିଂ ସାମଗ୍ରୀ ଅଧିକ ପରିମାଣରେ ରଖିଥିବାବେଳେ ସୋର ଥାନାର ଭୂତପୂର୍ବକ ଆଇ ଆଇ ସି ପ୍ରଭାଂଶୁ ଶେଖର ମିଶ୍ର କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ ଏବଂ ମୁକ୍ତିକାନ୍ତ (ଗୁଟୁ)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ, ଗୁଟୁ ଜେଲରୁ ଫେରିବା ପରେ ମଧ୍ୟ ପୁଣି ବେଆଇନ ପଥର ଚୋରା ଚାଲାଣ କରୁଥିବାବେଳେ ତାଙ୍କର କେହି ପ୍ରତିଦ୍ୱନ୍ଦ୍ୱୀ କିମ୍ବା ଅସାମାଜିକ ବ୍ୟକ୍ତିଙ୍କୁ ବଟି ଦେଇନଥିବା ନେଇ ଏପରି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଥିବାବେଳେ ଥାନାରୁ ମାତ୍ର ୭ କିମି ଦୂର ଘଟଣାସ୍ଥଳକୁ ଘଟଣାର ଦୁଇ ଘଣ୍ଟା ପରେ ପୋଲିସ ପହଞ୍ଚିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହିତ ଚାପା ଉତ୍ତେଜନା ଦେଖିବାକୁ ମିଳିଛି ।

ଗାନ୍ଧାରୀ ଭୂଇଁ ଗ୍ରାମରେ ୨୬ଟିକିଆ ହାତୀପଲଙ୍କ ଉତ୍ପାତ

ରାଇକିଆ, ୩୦।୪
ଏକ୍ସପ୍ରେସ୍ ନ୍ୟୁଜ୍

ରାଇକିଆ ବ୍ଲକ୍ ଅନ୍ତର୍ଗତ କରଡ଼ା ରେଞ୍ଜର ଇନ୍ଦ୍ରଗଡ ସେକ୍ସନରେ ହାତୀପଲଙ୍କ ଆକ୍ରମଣରେ ଚାରିଜଣଙ୍କ ଘର ଭାଙ୍ଗି ନଷ୍ଟ ହୋଇଛି । ମିଳିଥିବା ସୂଚନା ମୁତାବକ ରେଞ୍ଜରୁ କରଡ଼ା ରେଞ୍ଜରେ ୨୬ ଟିକିଆ ହାତୀପଲ ଗତ କିଛି ଦିନ ହେଲା ଚଳପ୍ରଚଳ କରୁଛନ୍ତି । ମଙ୍ଗଳବାର ରାତିରେ ଉକ୍ତ ରେଞ୍ଜର ଗାନ୍ଧାରୀ ଭୂଇଁ ଗ୍ରାମରେ ହାତୀପଲଙ୍କ ଉତ୍ପାତ ଓ ଉପଦ୍ରବ ଯୋଗୁଁ ଗ୍ରାମର ମଲ ନାୟକ, ଚକ୍ର ନାୟକ, ଖଦାଳ ନାୟକ, ମନୋଜ ମଲ୍ଲିକଙ୍କ ଚାରି ଜଣଙ୍କ ଘର ଭାଙ୍ଗିଛି । ଏଥିରେ କ୍ଷତି ଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସହାୟତା ଯୋଗାଇବା ପାଇଁ ଦାବି କରା ଯାଇଛି । ହାତୀ ମାନଙ୍କ ଉତ୍ପାତ ଦେଖି ଗ୍ରାମବାସୀଙ୍କ ମନ ମଧ୍ୟରେ କୋକୁଆ ଭୟର ବାତା ବରଣ ଦେଖା ଦେଇଛି ।

ଯାତ୍ରୀବାହୀ ବସ୍ ଧକ୍କାରେ ଏଏନଏମ ଦିଦିଙ୍କ ମୃତ୍ୟୁ

ବ୍ରହ୍ମପୁର, ୩୦।୪ : ଏକ୍ସପ୍ରେସ୍ ନ୍ୟୁଜ୍

ବୁଗୁଡ଼ା ଉପକଣ୍ଠସ୍ଥ ବଡଶଙ୍ଖ ନିକଟରେ ଏକ ଯାତ୍ରୀବାହୀ ବସ ଧକ୍କା ହୋଇ ଜନୈକା ସ୍କୁଟି ଆରୋହୀ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତା ମହିଳା ଜଣକ ହେଲେ କାନସୁକା ଏଏନଏମ ଦିଦି ରଚନା କୁମାରୀ ପ୍ରଧାନ (୪୨) । ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନରେ ରଚନା ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗ ଦେଇ ବୁଗୁଡ଼ାରୁ କାନସୁକା ଗାଁକୁ ସ୍ୱାମୀଙ୍କ ସହ ସ୍କୁଟିରେ ଫେରୁଥିବା ବେଳେ ବଡଶଙ୍ଖ ନିକଟରେ ମା' ସାରଳା ନାମକ ଯାତ୍ରୀବାହୀ ବସ୍ ସହ ଧକ୍କା ହୋଇଥିଲା ଏବଂ ସେ ଛିଟିକି ପଡିଥିଲେ । ଦୁର୍ଘଟଣା ଯୋଗୁଁ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲେ ହେଁ ସେଠାରେ ଡ଼ାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବସ୍ ଓ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି । ପୋଲିସ ଥାନାରେ କେସ୍ ନଂ ୨୮୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି ।

ମହିଳାଙ୍କ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ସୋର, ୩୦।୪ : ଏକ୍ସପ୍ରେସ୍ ନ୍ୟୁଜ୍

ସୋର ଥାନା ମାଣିପୁର ପଞ୍ଚାୟତ ଛତରା ଗ୍ରାମର ଜଣେ ମହିଳା ବେକରେ ବେଡ଼ସିଟ ବାନ୍ଧି ଆତ୍ମହତ୍ୟା କରିଥିବା ବେଳେ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି । ଅଭିଯୋଗ ଅନୁସାରେ ଭଦ୍ରକ ଜିଲା ପଞ୍ଚପଡା ଗ୍ରାମର ତୁଳସୀ ନାଥ ଗତ ୨୦୧୪ ମସିହାରେ ହିନ୍ଦୁ ରୀତିନୀତି ଅନୁସାରେ ଛତରା ଗ୍ରାମର ଦୟାନିଧି ନାଥଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବି କରି ତୁଳସୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଫଳରେ ତୁଳସୀଙ୍କ ବାପାଘର ଲୋକେ ଗତ ୨୦୨୩ ମସିହାରେ ଅଧିକ ୫୦ ହଜାର ଟଙ୍କା ଦେଇଥିଲେ। ମାତ୍ର ଦୁଇଦିନ ତଳେ ଅଧିକ ୫୦ ହଜାର ଟଙ୍କା ଦାବି କରି